# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 10th March - 2025

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ପାନମସଲା, ଗୁଟ୍‌ଖା ଓ ତମାଖୁ ଆଦି ମାଦକ ଦ୍ରବ୍ୟରୁ ୬ ହଜାର ୫୯୫ କୋଟି ୫୫ ଲକ୍ଷ ଟଙ୍କାର ଟିକସ ଆଦାୟ ହୋଇଛି ବୋଲି ସୂଚନା ଦେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

- ପ୍ରାକୃତିକ ସମ୍ପଦ ଉପଯୋଗ ମାଧ୍ୟମରେ ଅକ୍ଷୟ ଶକ୍ତି ଉତ୍ସକୁ ବିକଶିତ କରାଯାଉଛି ବୋଲି କହିଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ

- ବିଧାନସଭାରେ ଆଜି ଅନୁମୋଦିତ ହେଲା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଖର୍ଚ୍ଚ ଦାବି

ଏବଂ

- ହୋଲି ପର୍ବ ଅବସରରେ ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ପକ୍ଷରୁ ଚଳାଚଳ କରିବ ତିନି ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍

*Desk*

## ଟିକସ ଆଦାୟ

ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ପାନମସଲା, ଗୁଟ୍‌ଖା ଓ ତମାଖୁ ଆଦି ମାଦକ ଦ୍ରବ୍ୟରୁ ୬ ହଜାର ୫୯୫ କୋଟି ୫୫ ଲକ୍ଷ ଟଙ୍କାର ଟିକସ ଆଦାୟ ହୋଇଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଉତ୍ତର ରଖିଛନ୍ତି। ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, କ୍ରମାଗତ ଭାବେ ବାର୍ଷିକ ଏ ବାବଦରେ ଟିକସ ଆଦାୟ ବୃଦ୍ଧି ପାଇଛି। କେବଳ ୨୦୨୪-୨୫ ବର୍ଷରେ ଏ ବାବଦରେ ୧ ହଜାର ୪୭ କୋଟି ଟଙ୍କାର ଟିକସ ଆଦାୟ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ଉତ୍ତର ରଖିଛନ୍ତି।

*HS*

## ଅକ୍ଷୟ ଶକ୍ତି

ରାଜ୍ୟରେ ଥିବା ପ୍ରାକୃତିକ ସମ୍ପଦକୁ ସଦୁପଯୋଗ କରି ଅକ୍ଷୟ ଶକ୍ତିର ଉତ୍ସକୁ ବିକଶିତ କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ୧ ହଜାର ମେଗାୱାଟ କ୍ଷମତା ବିଶିଷ୍ଟ ପମ୍ପ୍‌ଡ ଷ୍ଟୋରେଜ୍ ପ୍ରକଳ୍ପ– ପିଏସ୍‌ପି' ନେଇ ଆଜି ଅନୁଷ୍ଠିତ ଏକ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ଏହା କହିଛନ୍ତି। ସବୁଜ ଶକ୍ତିର ବ୍ୟବହାର ଓ ଉତ୍ପାଦନ ପାଇଁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ। ଅକ୍ଷୟଶକ୍ତିରେ ପି.ଏସ୍.ପି.ର ଗୁରୁତ୍ୱ ସ୍ୱତନ୍ତ୍ର ବୋଲି ସେ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ୪୫ଟି ସ୍ଥାନକୁ ଏହି ପିଏସ୍‌ପି ପ୍ରକଳ୍ପ କରିବା ପାଇଁ ଚିହ୍ନଟ କରାଯାଇଥିବା ବେଳେ ଏଥିମଧ୍ୟରୁ ୧୦ଟି ପ୍ରକଳ୍ପ

ସରକାରୀ ସ୍ତରରେ ବିଭିନ୍ନ ପିଏସ୍‌ୟୁମାନଙ୍କ ଦ୍ୱାରା ପ୍ରତିଷ୍ଠା କରାଯିବା ପାଇଁ ଯୋଜନା ରହିଛି। ସେହିପରି ଏସବୁର ବିକାଶ କରିବା ପାଇଁ ପ୍ରଥମେ ଆବେଦନ କରିଥିବା କମ୍ପାନୀଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଏହା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭରେ ତେଲଙ୍ଗାନାର ସଙ୍ଗମ ପାୱାର ପ୍ରକଳ୍ପ କମ୍ପାନୀ ଏବଂ ରାଜ୍ୟ ସରକାରଙ୍କ ସହ ପିଏସ୍‌ପି ପ୍ରକଳ୍ପ କରିବା ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

***Desk***

## ଏଲ୍‌ଏସ୍-ୱାର୍କର

୩୦ କୋଟି ୬୮ ଲକ୍ଷରୁ ଊର୍ଦ୍ଧ୍ୱ ଅଣସଂଗଠିତ ଶ୍ରମଜୀବୀ ଇ-ଶ୍ରମ ପୋର୍ଟାଲ ମାଧ୍ୟମରେ ପଞ୍ଜୀକୃତ ହୋଇସାରିଛନ୍ତି। କେନ୍ଦ୍ର ଶ୍ରମ ଓ ନିଯୋଜନ ରାଷ୍ଟ୍ରମନ୍ତ୍ରୀ ସୁଶ୍ରୀ ଶୋଭା କରନ୍ଦଲାଜେ ଆଜି ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ପଞ୍ଜୀକୃତ ଶ୍ରମିକଙ୍କ ମଧ୍ୟରେ ୫୩ ପ୍ରତିଶତ ମହିଳା ଅନ୍ତର୍ଭୁକ୍ତ। ଶ୍ରମ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ବିଭାଗର ଯୋଜନାଗୁଡ଼ିକୁ ଇ-ଶ୍ରମ ପୋର୍ଟାଲରେ ସାମିଲ କରାଯାଇଛି। ସେଗୁଡ଼ିକ ମଧ୍ୟରେ ପିଏମ୍-ସ୍ୱନିଧି, ପ୍ରଧାନମନ୍ତ୍ରୀ ସୁରକ୍ଷାବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଏବଂ ଆୟୁଷ୍ମାନ

ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଆଦି ଅନ୍ତର୍ଭୁକ୍ତ। ସୂଚନାଯୋଗ୍ୟ, ଦେଶରେ ଅଣସଂଗଠିତ କ୍ଷେତ୍ର ଦେଇ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ନେଇ ଏକ ଜାତୀୟ ଡାଟାବେସ୍ ପ୍ରସ୍ତୁତ କରିବା ଲକ୍ଷ୍ୟରେ ୨୦୨୧ ମସିହାରେ ଇ-ଶ୍ରମ ପୋର୍ଟାଲକୁ କାର୍ଯ୍ୟକାରୀ କରାଯାଇଥିଲା।

***Desk***

## ରେଳ ସଂଶୋଧନ

ରେଳ ସଂଶୋଧନ ବିଲ୍-୨୦୨୪ ଆଜି ରାଜ୍ୟସଭାରେ ଆଗତ ହୋଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ବିଲ୍‌କୁ ଆଗତ କରି କହିଛନ୍ତି, ଭାରତୀୟ ରେଳ ବୋର୍ଡ ଅଧିନିୟମ-୧୯୦୫ର ସମସ୍ତ ବ୍ୟବସ୍ଥାକୁ ରେଳବାଇ ଆଇନ ୧୯୮୯ରେ ଅନ୍ତର୍ଭୁକ୍ତ କରିବା ନେଇ ଏଥିରେ ପ୍ରସ୍ତାବ ରହିଛି। ରେଳବାଇ ବୋର୍ଡର କ୍ଷମତା ବୃଦ୍ଧି କରିବା ସହିତ ସଂସ୍ଥାର କାର୍ଯ୍ୟକାରିତା ଏବଂ ସ୍ୱାଧୀନତାରେ ଉନ୍ନତି ଆଣିବା ଏହି ସଂଶୋଧନ ଆଇନର ଉଦ୍ଦେଶ୍ୟ।

ସୂଚନାଯୋଗ୍ୟ, ରେଳବାଇ ସଂଶୋଧନ-୨୦୨୪ ଲୋକସଭାରେ ଅନୁମୋଦିତ ହୋଇସାରିଛି।

***HS***

## ରାଜ୍ୟ–ଅନୁପ୍ରବେଶ

ରାଜ୍ୟରେ ଅନୁପ୍ରବେଶକାରୀଙ୍କ ଉପରେ କଡ଼ା ନଜର ରଖାଯାଇଛି। ଚିହ୍ନଟ ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଡ଼ା

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କ୍ରାଇମବ୍ରାଞ୍ଚ ସ୍ୱତନ୍ତ୍ର ଟାସ୍କଫୋର୍ସ ଡି.ଆଇ.ଜି. ପିନାକ ମିଶ୍ର କହିଛନ୍ତି। ଏ ନେଇ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱର ରେଳଷ୍ଟେସନ୍ ଗତକାଲି ୧୦ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ପୁଲିସ ଗିରଫ କରିବା ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

*Assembly*

## ବିଧାନସଭା-୧

ବିଧାନସଭାରେ ଆଜି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଖର୍ଚ୍ଚ ଦାବି ପାରିତ ହୋଇଛି। ବିରୋଧୀ ବିଜେଡି ଏବଂ କଂଗ୍ରେସ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ମଧ୍ୟରେ ବିଭାଗର ୬ ହଜାର ୪୩୬ କୋଟି ୪ ଲକ୍ଷ ୯୨ ହଜାର ଟଙ୍କାର ଖର୍ଚ୍ଚ ଦାବି ଅନୁମୋଦିତ ହୋଇଛି। ପ୍ରଥମାର୍ଦ୍ଧ ପରି ଦ୍ୱିତୀୟାର୍ଦ୍ଧରେ ମଧ୍ୟ ବିରୋଧୀ ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ବାଚସ୍ପତି ସୁରମା ପାଢ଼ି ତିନୋଟି ପର୍ଯ୍ୟାୟରେ ଗୃହକୁ ମୁଲତବୀ ରଖିଥିଲେ। ଗୃହ ସୁପରିଚାଳନା ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ତେବେ ସେଥିରୁ କୌଣସି ନିଷ୍କର୍ଷ ବାହାରି ପାରିନଥିଲା। ବିଭାଗୀୟ ଖର୍ଚ୍ଚ ଦାବି ଆଲୋଚନାରେ ବିରୋଧୀ ସଦସ୍ୟମାନେ ଅଂଶଗ୍ରହଣ କରିନଥିଲେ। ଶାସକ ଦଳ ପକ୍ଷରୁ ସନାତନ ବିଜୁଳି, ସଂଜଳି ମୁର୍ମୁ, ଜଲେନ ନାୟକ ପ୍ରମୁଖ ଆଲୋଚନାରେ

ଅଂଶଗ୍ରହଣ କରି ଖର୍ଚ୍ଚ ଦାବିକୁ ସମର୍ଥନ କରିଥିଲେ। ବିଭାଗୀୟ ମନ୍ତ୍ରୀ ଆଲୋଚନାର ଉତ୍ତର ରଖିଥିଲେ। ଏହାପରେ ଖର୍ଚ୍ଚଦାବି ଗୃହରେ ପାରିତ ହୋଇଥିଲା। ଏହାପରେ ବାଚସ୍ପତି ଆସନ୍ତାକାଲି ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ସୂଚନାଯୋଗ୍ୟ, ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କଂଗ୍ରେସର ବିଧାୟକମାନେ ଗୃହ ବାହାରେ ଧାରଣା ଦେବା ସହିତ ମହିଳା ନିର୍ଯାତନା ଓ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଆଦି ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିଥିଲେ। ତେବେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ' ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ବିୟୋଗରେ ଶୋକପ୍ରସ୍ତାବ ଆଗତ କରିଥିଲେ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଶୋକପ୍ରସ୍ତାବକୁ ସମର୍ଥନ କରିଥିଲେ। ଦିବଂଗତ ନେତାଙ୍କ ବିୟୋଗରେ ସଦସ୍ୟମାନେ ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ହଟ୍ଟଗୋଳ ପାଇଁ ଗୃହ କାର୍ଯ୍ୟ ଅଚଳ ହେବାରୁ ବାଚସ୍ପତି ସୁରମା ପାଢ଼ି ୧୨ଟା ୯ ମିନିଟ୍ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଏହାପରେ ପୁନର୍ବାର ଗୃହକୁ ଦିନ ଗୋଟାଏ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା।

*HS/Deogarh/Gajapati*

# ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ବ୍ଲକସ୍ତରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି।

ଗଜପତି ଜିଲ୍ଲା ଗୁମା ବ୍ଲକ ଅନ୍ତର୍ଗତ ପରିଡ଼ା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣିରେ ୭୧ଟି ଅଭିଯୋଗପତ୍ରର ଶୁଣାଣି ହୋଇଥିଲା। ଏଥିରେ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସେହିପରି ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରବୀନ୍ଦ୍ର କୁମାର ସାହୁଙ୍କ ଉପସ୍ଥିତିରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ୧୯ଟି ଅଭିଯୋଗର ଶୁଣାଣି କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଉପ ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକରେ ଅନୁଷ୍ଠିତ ଯୁଗ୍ମ ଶୁଣାଣିରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଉପସ୍ଥିତିରେ ୫୨ଟି ପଞ୍ଜୀକୃତ ଅଭିଯୋଗର ଶୁଣାଣି ହୋଇଛି।

*Desk*

## ହୋଲି ପର୍ବ- ଟ୍ରେନ୍

ହୋଲି ପର୍ବରେ ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ତିନିଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବାକୁ ନିଷ୍ପତ୍ତି ନେଇଛି। ପୂର୍ବତଟ ରେଳପଥ ପରିସମା ମଧ୍ୟରେ ତିନିଯୋଡ଼ା ହୋଲି ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱର-ଚେର୍ଲାପଲ୍ଲୀ, ପୁରୀ-କୋଲକାତା ଏବଂ ବିଶାଖାପାଟଣା-ବେଙ୍ଗାଲୁରୁକୁ ଚଳାଚଳ କରିବା ପାଇଁ ନିଷ୍ପତ୍ତି ହୋଇଛି।

*Desk*

## ଦୋଳମେଳଣ

ଐତିହାସିକ କଟକ ସହରରେ ଦୋଳଯାତ୍ରା ଆରମ୍ଭ ହୋଇଛି। ଦୋଳ ଦଶମୀରୁ ଏହି ଯାତ୍ରା ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟସୂଚୀ ରହିଛି। ଠାକୁରଙ୍କୁ ସୁସଜ୍ଜିତ ବିମାନରେ ବସାଇ ସହରର ବିଭିନ୍ନ ସାହିରେ ପରିକ୍ରମା କରାଯାଉଛି। ଚଳିତ ଥର ସହରର ୩୦ଟି ସ୍ଥାନରେ ମେଳଣ ଅନୁଷ୍ଠିତ ହେବ ବୋଲି ୭୨ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ କୁହାଯାଇଛି। ଏହି ସବୁ ମେଳଣସ୍ଥଳୀରେ କମିଶନରେଟ୍ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଦୋଳଯାତ୍ରା ସମୟରେ ସାହିର ମୁରବୀ, ଯୁବକ ସଂଘମାନେ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ହରିନାମ ସହିତ ବିମାନକୁ କାନ୍ଧରେ ଧରି ସାହି ପରିକ୍ରମା କରିବେ ବୋଲି ମଣ୍ଡଳୀ ପକ୍ଷରୁ ସୂଚନା ମିଳିଛି।

***BHK***

# 'ବେଟି ବଚାଓ, ବେଟି ପଢ଼ାଓ'

ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ 'ବେଟି ବଚାଓ, ବେଟି ପଢ଼ାଓ'ର ୧୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ନାରୀଙ୍କ ପ୍ରଗତି, ସଶକ୍ତୀକରଣ ଏବଂ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଛନ୍ତି । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ମହିଳାମାନଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା ।

***BHK***

# କ୍ରିକେଟ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ମତୋ ଡିଗ୍ରୀ ମହାବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ବାଲେଶ୍ୱର ଆଦର୍ଶ ଦଳ ବିଜୟ ହୋଇଛି । ବିଜୟୀ ଦଳ ୟୁନିଅନ୍ ସ୍ପୋର୍ଟସ ଦଳକୁ ହରାଇ ଚମ୍ପିଆନ ହୋଇଛି । ଏହି ଉଦ୍‌ଯାପନୀ ଦିବସରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ ।

*****